ଏମ୍.ସତ୍ୟନାରାୟଣ ମୂର୍ତ୍ତି ଏବଂ ଅନ୍ୟମାନେ

ବନାମ

ମଣ୍ଡଳ ରାଜସ୍ୱ ଅଧିକାରୀ ତଥା ଜମି ଅଧିଗ୍ରହଣ ଅଧିକାରୀ

ଅଗଷ୍ଟ 25,1998

[ଡକ୍ଟର ଏ.ଏସ୍. ଆନନ୍ଦ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଧାରା 137-ସମୀକ୍ଷା-ଦ୍ୱିତୀୟସମୀକ୍ଷା-ବିଳମ୍ବ-ବ୍ୟାଖ୍ୟା ଅସନ୍ତୋଷଜନକ ଏବଂ ଯୁକ୍ତିସଙ୍ଗତ ନୁହେଁ-ଦର୍ଶାଯାଇଛି, ସେହି ଆଦେଶ ବିରୁଦ୍ଧରେ କ୍ରମାଗତ ସମୀକ୍ଷା ଆବେଦନ ଆଶ୍ରୟ ନେବା ଅଧିକ ଗ୍ରହଣୀୟ ନୁହେଁ କାରଣ ନଥିରେ କୌଣସି ତ୍ରୁଟି ସ୍ପଷ୍ଟ ହୋଇନାହିଁ-ଦ୍ୱିତୀୟ ସମୀକ୍ଷା ଆବେଦନ ଦାଖଲ ହେଉଛି ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାର-ସମୀକ୍ଷା ଆବେଦନ ଖର୍ଚ୍ଚ ସହିତ ଖାରଜ ହୋଇଛି - ସମୀକ୍ଷା-ସୀମା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର ସମୀକ୍ଷା ଆବେଦନ ସଂଖ୍ୟା ଆର୍ ପିଡି ସଂଖ୍ୟା 17573/1998

ଦେୱାନୀ ଆବେଦନ ସଂଖ୍ୟା 8743-8745/1994 ରେ

ଏ ସଂଖ୍ୟା 497,644/91 ଏବଂ ଏ ଏସ୍ ସଂଖ୍ୟା 1350/1991 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 29.9.94 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀ/ଅପିଲକାରୀଙ୍କ ପାଇଁ ବିମଲ ଦାଭେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ସମୀକ୍ଷା ଆବେଦନ ଦାଖଲ କରିବାରେ 2 ବର୍ଷ ଏବଂ 321 ଦିନର ବିଳମ୍ବ ହୋଇଛି । ବିଳମ୍ବ କ୍ଷମାଦାନ ପାଇଁ ଆବେଦନରେ ଥିବା ବିଳମ୍ବ ପାଇଁ ବ୍ୟାଖ୍ୟା ସମ୍ପୂର୍ଣ୍ଣ ସନ୍ତୋଷଜନକ ନୁହେଁ ଏବଂ ଆଦୌ ଯୁକ୍ତିଯୁକ୍ତ ନୁହେଁ । ଅନ୍ୟ ପକ୍ଷରେ, ଆମେ ଏହା ମଧ୍ୟ ଦେଖୁଛୁ ଯେ,ଆବେଦନକାରୀମାନେ ପୂର୍ବରୁ ମଧ୍ୟ ସେହି ଆଦେଶ ବିରୁଦ୍ଧରେ ସମୀକ୍ଷା ଆବେଦନ ସଂଖ୍ୟା 214/1995 ଦାଖଲ କରିଥିଲେ, ଯାହାକୁ ଏହି ନ୍ୟାୟାଳୟ 22.2.1995 ରେ ଖାରଜ କରିଦେଇଥିଲେ।ଉଭୟ ସମୀକ୍ଷା ଆବେଦନ ସ୍ମାରକପତ୍ରରେ ଏବଂ ବିଳମ୍ବକୁ କ୍ଷମା କରିବା ପାଇଁ ଆବେଦନରେ, ଯଦିଓ ଏହି ତଥ୍ୟ ଉଲ୍ଲେଖ କରାଯାଇଛି, କିନ୍ତୁ ସମୀକ୍ଷା ଆବେଦନ ସଂଖ୍ୟାକୁ ଖାଲି

ରଖାଯାଇଛି ଏବଂ ଯେଉଁ ତାରିଖରେ ଏହାକୁ ଖାରଜ କରାଯାଇଥିଲା ।ଏହା ଏହି ଦ୍ୱିତୀୟ ସମୀକ୍ଷା ଆବେଦନ ଦାଖଲ କରାଯାଇଥିବା ଅନୌପଚାରିକ ଶୈଳୀକୁ ଦର୍ଶାଏ । ସମାନ ଆଦେଶ ବିରୁଦ୍ଧରେ କ୍ରମାଗତ ସମୀକ୍ଷା ଆବେଦନର ଆଶ୍ରୟ ନେବା ଅନୁମତିପ୍ରାପ୍ତ ନୁହେଁ, କାରଣ ନଥିରେ କୌଣସି ତ୍ରୁଟି ସ୍ୱଷ୍ଟ ହୋଇନାହିଁ । ଆମକୁ ଲାଗୁଛି ଯେ, ଆବେଦନକାରୀମାନେ ଅନାବଶ୍ୟକ ଭାବରେ ସ୍ୱାଧୀନତା ନେଉଛନ୍ତି । ଦ୍ୱିତୀୟ ସମୀକ୍ଷା ଆବେଦନ ଦାଖଲ କରିବା ଅଦାଲତ ପ୍ରକ୍ରିୟାର ଏକ ଅପବ୍ୟବହାର ଅଟେ । ତେଣୁ, ଆମେ ଏହି ସମୀକ୍ଷା ଆବେଦନକୁ ଉଭୟ ଅସ୍ୱଷ୍ଟ ଅତ୍ୟଧିକ ବିଳମ୍ବ ଆଧାରରେ ଏବଂ ଗୁଣବତ୍ତା ଆଧାରରେ ଟ.5, 000 ଖର୍ଚ୍ଚ ସହିତ ଖାରଜ କରୁଛୁ । ଖର୍ଚ୍ଚର ବିତରଣ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମା ହେବା ପରେ ଜାରି କରାଯିବ ।

ଆର୍.ପି  ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : ଶୁଭଶ୍ରୀ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ